# Akashvani, Sambalpur

## SAMBALPURI NEWS EVENING BULLETIN

## 6 June 2024- 7.02 pm- 7.12 pm.

*********************************************

୧- ରାଜ୍ୟର୍ ନୂଆଁ ବିଧାନ୍‌ସଭା ଗଠନ୍ ବାବଦ୍ ରାଜପତ୍ର ବିଜ୍ଞପ୍ତି ରାଜ୍ୟପାଲ୍‌ଙ୍କୁ ଦେଲେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୨- ରାଏଜେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍‌ନା କାମ୍ କରୁଛେ- ସ୍ପଷ୍ଟ୍ କଲେ ମୁଖ୍ୟ ଶାସନ୍ ସଚିବ ।

୩- ଦେଶେ ୭ ଟା ଖେପେ ହେଇଥିବା ଲୋକ୍‌ସଭା ନିର୍ବାଚନ୍‌ଥି ୬୫ ଦଶ୍‌ମିକ୍ ୭/୯ ପ୍ରତିଶତ୍ ହେଇଛେ ମତଦାନ୍ ।

୪- ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଲାଗି ନନ୍ଦପଡ଼ାର ବମ୍‌ବରାଡ଼୍ ବାଲୁଙ୍କେଶ୍ୱର ବାବାଙ୍କର୍ ଆଏଜ୍ ହେଉଛେ ପତର୍‌ପେଁଡ଼ି ।

ଆଉର୍

୫- ରାଏଜେ ନିଷ୍ଠା ଆଉ ଶ୍ରଦ୍ଧାଥି ପାଳନ୍ ହେଇଛେ ସାବିତ୍ରୀ ବ୍ରତ ।

ବିଧାନ୍‌ସଭା ଗଠନ୍ ରାଜପତ୍ର- ବିଜ୍ଞପ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୧୭ ନମ୍ବର୍ ବିଧାନ୍‌ସଭା ଗଠନ୍ ବାବ୍‌ଦେ ଓଡ଼ିଶାର୍ ରାଜପତ୍ରଥି ବାହାରିଥିବା ବିଜ୍ଞପ୍ତିକେ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଏଜ୍ ରାଜ୍ୟପାଲ୍ ରଘୁବର୍ ଦାସ୍‌ଙ୍କୁ ସାକ୍ଷାତ୍ କରିକରି ଦେଇଛନ୍ । ରାଜପତ୍ରଥି ନୂଆଁକରି ନିର୍ବାଚିତ ହେଇଥିବା ବିଧାୟକ୍‌ମାନ୍‌କର୍ ତାଲିକା ରହିଛେ । ଇ ଅବ୍‌ସରେ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟର୍ ଅଲ୍‌ଗା ଅଧିକାରୀମାନେ ରାଜ୍‌ଭବନ୍ ନ ଉପସ୍ଥିତ୍ ଥିଲେ । ଓଡ଼ିଶା ନ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଲାଗି ରାଜ୍ୟପାଲ୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆଉ ତାଙ୍କର୍ କାର୍ଯ୍ୟାଳୟର୍ ସବୁ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ଧନ୍ୟବାଦ୍ ଜନେଇଥିଲେ ।

ଓଡ଼ିଶା ବିଜେପି ସାଂସଦ୍ - ଦିଲ୍ଲୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନୁ ନିର୍ବାଚିତ ହେଇଥିବା ବିଜେପି ସାଂସଦ୍ ମାନେ ଆଏଜ୍ ଦିଲ୍ଲୀ ଗସ୍ତ କରିଛନ୍ । ଆଏବା କାଏଲ୍ ବିଜେପିର ସଂସଦୀୟ ଦଲର୍ ବୈଠକ୍ ହେବା । ଇ ନିର୍ବାଚିତ ସାଂସଦ୍ ମାନେ ବୈଠକ୍‌ଥି ଯୋଗ୍ ଦେବେ । ଇତାର୍‌ଛଡ଼ା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ଭିଲ୍ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ନବ ନିର୍ବାଚିତ ସଦସ୍ୟ ସ୍ୱାଗତ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮ ନମ୍ବର୍ ଲୋକ୍‌ସଭାର୍ ନିର୍ବାଚିତ ସଦସ୍ୟମାନ୍‌କୁ ସ୍ୱାଗତ୍ କର୍‌ବାର୍ ଲାଗି ଲୋକ୍‌ସଭା ସଚିବାଳୟ ତୟାର୍ ରହିଛେ । ଇତାକେ ନେଇକରି ସଚିବାଳୟ ତର୍‌ଫୁ ଗୁଟେ ବିଜ୍ଞପ୍ତି ଜାରି କରାଯାଇଛେ । ବିଜ୍ଞପ୍ତିଥି କୁହାଯାଇଛେ ଯେ, ସଦସ୍ୟମାନ୍‌କୁ ସ୍ୱାଗତ୍ କର୍‌ବାର୍ ଆର୍ ସୁରୁଖୁରୁଥି ପଞ୍ଜିକରଣ୍ କାମ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଲୋକ୍‌ସଭା ସଚିବାଳୟ ବହୁତ୍‌ଟେ ପଦକ୍ଷେପ୍ ନେଇଛେ । ସଚିବାଳୟ ତର୍‌ଫୁ ଫି ସଦସ୍ୟଙ୍କୁ ଭାରତୀୟ ସମ୍ବିଧାନ୍, ନିୟମ୍ ଆର୍ ନିର୍ଦ୍ଦେଶ୍‌ନାମା ବାବ୍‌ଦେ ଉପଯୋଗୀ ଦସ୍ତାବିଜ୍‌ର ନକଲ୍ ଦିଆଯିବା । ନୂଆଁ ନିର୍ବାଚିତ ହେଇଥିବା ସଦସ୍ୟମାନ୍‌କର୍ ସୁବିଧା ଲାଗି ବିମାନ୍ ବନ୍ଦର୍ ଆଉ ରେଲ୍‌ଷ୍ଟେସନ୍ ନ ଖାସ୍ ବ୍ୟବସ୍ଥା କରାଯାଇଥିବା ଲୋକ୍‌ସଭା ସଚିବାଳୟ ତର୍‌ଫୁ କୁହାଯାଇଛେ ।

ଏନ୍‌ଡିଏ ସର୍‌କାର୍ ଗଠନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ନ ନୂଆଁ ସର୍‌କାର୍ ଗଠନ୍ କର୍‌ବାର୍ ଲାଗି ଜାତୀୟ ଗଣତାନ୍ତ୍ରିକ ମେଂଟ - ଏନ୍‌ଡିଏ ପ୍ରକ୍ରିୟା ମୁଲ୍ କରିଛେ । ସର୍ବସମ୍ମତିଥି ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନ୍‌ଡିଏର ନେତା ଭାବେ ମନୋନୀତ

କରାଯିବାର୍ ଉତ୍ରୁ ମେଂଟ ତର୍ଫୁ ଦର୍କାରୀ ପଦକ୍ଷେପ୍ ନିଆଯାଇଛେ । ନୂଆଦିଲ୍ଲୀର୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ବାସଭବନ୍ ନ ଗଲାକାଏଲ୍ ହେଇଥିବା ଏନ୍‌ଡିଏ ନେତାଙ୍କର୍ ବୈଠକ୍‌ଥି ଗୁଟେ ପ୍ରସ୍ତାବ୍ ପାରିତ୍ ହେଇଥିଲା । ପ୍ରସ୍ତାବ୍‌ଥି କୁହାଯାଇଛେ ଯେ, ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଏନ୍‌ଡିଏ ସର୍କାର୍ - ଭାରତ୍‌ର ଗରିବ୍, ମହିଳା, ଯୁବ, କୃଷକ୍ ଆର୍ ପିଡ଼ିତ ନାଗରିକମାନ୍‌କର୍ ସେବା କର୍‌ବାର୍ ଲାଗି ପ୍ରତିବଦ୍ଧ ଆଏ । ଦେଶର୍ ସର୍ବାଙ୍ଗୀନ ବିକାଶ୍ ଆର୍ ଲୋକ୍‌ମାନ୍‌କର୍ ଜୀବନ୍‌ସ୍ତର୍‌ଥି ସୁଧାର୍ ଆନ୍‌ବାର୍ ଲାଗି ଏନ୍‌ଡିଏ ସର୍କାର୍ କାମ୍ କର୍‌ବା ।

ବିଏସ୍‌କେୱାଇ-ସ୍ୱାସ୍ଥ୍ୟ, ପରିବାର୍ କଲ୍ୟାଣ୍ ବିଭାଗ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜ୍‌ନା - ବିଏସ୍‌କେୱାଇ କାମ୍ କରୁଛେ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ ବିଭାଗ୍ ସ୍ପଷ୍ଟ କରିଛେ । ବିଭାଗ୍ ତର୍ଫୁ ଗୁଟେ ଟ୍ୱିଟ୍ ଜରିଏ କୁହାଯାଇଛେ ଯେ, ଇ ଯୋଜ୍‌ନାର୍ ହିତାଧିକାରୀମାନେ ଆଘର୍ ବାଗିର୍ ମାହାଲିଆ ସ୍ୱାସ୍ଥ୍ୟ ସେବା ପାଇପାର୍‌ବେ । ଇଥି ପଞ୍ଜିକୃତ ଡାକ୍ତର୍‌ଖାନାମାନ୍‌କେ ହିତାଧିକାରୀମାନ୍‌କୁ ସେବା ଯୁଗେଇ ଦେବାର୍ ଲାଗି ସଚେତନ୍ କରାଯାଉଥିବାର୍ ବିଭାଗ୍ କହିଛେ । ଡାକ୍ତରଖାନାମାନ୍‌କେ ମାହାଲିଆ ସ୍ୱାସ୍ଥ୍ୟସେବା

ଯୋଜ୍‌ନାଥି ସବୁ ଖର୍ଚ୍ଚା ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍‌କୁ ଦିଆଯିବା । ସେନ୍ତା ରାଜ୍ୟ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନା ଗୁଟେ ଭିଡ଼ିଓ ବାର୍ତ୍ତା ଜରିଏ ବିଏସ୍‌କେୱାଇ ଯୋଜ୍‌ନାଥି ସ୍ୱାସ୍ଥ୍ୟସେବା ଯୁଗେଇ ଦିଆଯାଉଛେ ବଲି କହିଛନ୍ । ସେ କହିଛନ୍ ଯେ, ଇଥି କେନ୍‌ସି ଡାକ୍ତର୍‌ଖାନା ଅବହେଲା କଲେ ସେମାନ୍‌କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, କେତେ ଗଣମାଧ୍ୟମ୍‌ଥି ଡାକ୍ତର୍‌ଖାନାମାନ୍‌କେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ୍ ଯୋଜନା କାର୍ଡ଼ ଗ୍ରହଣ୍ ନାଇଁ କରାଯାଉଥିବାର୍ ବାବଦ୍ ଖବର୍ ବାହାରିଥିଲା । ଇତାର୍ ଉତ୍‌ରୁ ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍ ଇ ଖବର୍‌କେ ଖଣ୍ଡନ୍ କରିଥିଲେ । ସେ କହିଥିଲେ ଯେ, ନିରନ୍ତର ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ କ୍ଷେତ୍ରଥି କେନ୍‌ସି ଅସୁବିଧା ନାଇଁ ହୁଏ ।

ଦେଶ ଭୋଟ୍ ହାର        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ୭ ଟା ଖେପ୍‌ଥି ହେଇଥିବା ଲୋକ୍‌ସଭା ନିର୍ବାଚନ୍‌ଥି ୬୫ ଦଶ୍‌ମିକ୍ ୭/ ୯ ପ୍ରତିଶତ୍ ମତଦାନ୍ ହେଇଥିବାର୍ ନେଇକରି ନିର୍ବାଚନ ଆୟୋଗ ତର୍‌ଫୁ ସୂଚ୍‌ନା ମିଲିଛେ । ୨୮ ଟା ରାଜ୍ୟ ଆଉ ୮ ଟା କେନ୍ଦ୍ରଶାସିତ୍ ଇଲାକାର୍ ୫ ଶହ ୪୨ ଟା ଆସନ୍ ଲାଗି ଏପ୍ରିଲ୍ ୧୯ ତାରିଖ୍‌ନୁ ୪୬ ଦିନ୍ ତକ୍

ନିର୍ବାଚନ୍ ପ୍ରକ୍ରିୟା ଜାରି ରହିଥିଲା । ତ୍ରିପୁରା ନ ସବୁନୁ ଅଏତ୍‌କା ୮୦ ଦଶ୍‌ମିକ୍ ୯/୩ ପ୍ରତିଶତ୍ ଭୋଟ୍ ହେଇଥିବାର୍ ବେଲେ ମିଜୋରାମ୍ ନ ସବୁନୁ କମ୍ ୫୬ ଦଶ୍‌ମିକ୍ ୮/୭ ପ୍ରତିଶତ୍ ଭୋଟ୍ ହେଇଛେ । ସେନ୍ତା ଓଡ଼ିଶା ନ ୭୪ ଦଶ୍‌ମିକ୍ ୪/୪ ପ୍ରତିଶତ୍ ଭୋଟର୍ ତାଙ୍କର୍ ମତାଧିକାର୍ ସାବ୍ୟସ୍ତ କରିଛନ୍ ।

ହାଇକୋର୍ଟ-ଇ ଫାଇଲିଂ ନିୟମାବଲୀ ଆର୍‌ଏନ୍‌ୟୁ/ସମ୍ବଲପୁର

ହାଇକୋର୍ଟ ନ ଇ ଫାଇଲିଂ ନିୟମାବଲୀ -୨୦୨୪ ଆଏବା ମାସ ୧ ତାରିଖ୍‌ନୁ କାମ୍ କର୍‌ବା । ଇ ବାବ୍‌ଦେ ଓଡ଼ିଶା ହାଇକୋର୍ଟଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସେନ୍ତା ୧ ତାରିଖ୍‌ନୁ ଜିଲ୍ଲା କୋର୍ଟ ଆଉ କ୍ରିମିନାଲ୍ କୋର୍ଟ ମାନ୍‌କେ ଭିଲ୍ ଇ ଫାଇଲିଂ ବ୍ୟବସ୍ଥା ମୁଲ୍ ହେବା । ଇ ପ୍ରକ୍ରିୟାଥି ଆବେଦନ୍‌କାରୀ ଅନ୍‌ଲାଇନ୍ ଜରିଏ ଦର୍‌କାରୀ ତଥ୍ୟ ସହେତେ କେସ୍ ରଜୁ କରିପାର୍‌ବେ ।

ନନ୍ଦପଡ଼ା- ପତର୍‌ପେଁଡ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କର୍ ପତର୍‌ପେଁଡ଼ି ନୀତି ଆଏଜ୍

ହେଉଛେ । ବରପିତା, ସପ୍ତର୍ଷି ଆର୍ ପଡ଼ାର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଛନ୍ । ସେମାନେ କନ୍ୟାପିତାଙ୍କର୍ ଘରେ ପୁହୁଁଚିଲା ଉତ୍‌ରୁ ସପ୍ତରଷି ଆର୍ ବରପିତା ଦେବଦେବ ମହାଦେବଙ୍କର୍ ଗୁଣଗାନ କର୍‌ବେ । ହେଲେ ଝିଅ ଘରେ ରାଜି ହେଲା ଉତ୍‌ରୁ ସର୍‌ଗିପତର୍ ପେଁଡ଼ା, ଫୁଲ୍ ଆଉ ବେଲ୍‌ପତର୍ ଦେଇକରି ନିର୍ବନ୍ଧ ବା ପତର୍‌ପେଁଡ଼ି କର୍‌ବେ ।

ବାଲୁଙ୍କେଶ୍ୱର୍ ବାବାଙ୍କର୍ ବିବାହଥି ଯୋଗ୍ ଦେବାର୍ ଲାଗି ନୃସିଂହ ମହାପ୍ରଭୁ ସହରର୍ ଦେବୀଦେବୀଙ୍କୁ ଆଏବା କାଏଲ୍ ନିଉତା ଦେବେ । ସେଆଡ଼େ ଆଏବା ରଏବାର୍ ଦିନ ଝାଡୁଆପଡ଼ାର୍ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟି ତର୍‌ଫୁ ପତର୍‌ପେଁଡ଼ି ନୀତି ହେବା । ଇତାର୍‌ଉତ୍‌ରୁ ଅଲ୍‌ଗା କମିଟିମାନ୍‌କୁ ନିଉତା ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ଆଏବା ୧୦ ତାରିଖ୍ ରାତି ଦେବଦେବ ମହାଦେବଙ୍କର୍ ବରାନୁଗମନ କାର୍ଯ୍ୟକ୍ରମ୍ ଥିବାର୍ ବେଲେ ଶୁଭମୁହୂର୍ତଥି ବିହାଘର୍ ଆର୍ ୧୧ ତାରିଖ୍ ରାତିନୁ ଦେବଦମ୍ପତି ନଗର୍ ପରିକ୍ରମା କର୍‌ବେ । ଇ ଦେବବିବାହ ଲାଗି ଗଲା ଅଖିତୃତୀୟା ଦିନ ଥାଲ୍‌ଉଠା ନୀତି ସରିଛେ ।

ସାବିତ୍ରୀ ଉଆଁସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜେଠ୍ ମାସର୍ ଉଆଁସ୍ ତିଥିଥି ସାରା ରାଏଜେ ବିବାହିତ ହିନ୍ଦୁ ଧର୍ମାବଲମ୍ବୀ ମହିଲାମାନେ ସାବିତ୍ରୀ ବ୍ରତ ପାଲନ୍ କରୁଛନ୍ । ସ୍ୱାମୀ ମାନ୍‌କର୍ ଦୀର୍ଘଜୀବନ୍ କାମନା କରିକରି ମହିଲାମାନେ ଉପାସ୍ କରିଛନ୍ । ଇତାର୍‌ସହେତେ ଫୁଲ୍‌ଫଲ୍ ନେଇକରି ଲକ୍ଷ୍ମୀ ନାରାୟଣ୍‌ଙ୍କୁ ପୂଜା କର୍‌ବାର୍ ସାଙ୍ଗେ ସାବିତ୍ରୀ ବ୍ରତ ପାଲନ୍ କରିଛନ୍ । ପୌରାଣିକ ବିଶ୍ୱାସ୍ ଅନ୍‌ସାରେ ସାବିତ୍ରୀ ଆଉ ସତ୍ୟବାନ୍ ଦୁହେଁ ଜଙ୍ଗଲ୍‌କେ ଯାଉଥିବାର୍ ବେଲେ ସତ୍ୟବାନ୍‌ଙ୍କ ମୃତ୍ୟୁ ହେଇଥିଲା । ସାବିତ୍ରୀ ବ୍ରତ କରିକରି ନିଜର୍ ସ୍ୱାମୀଙ୍କର୍ ସତ୍ୟବାନ୍‌ଙ୍କର୍ ଜୀବନ୍ ଫିରିପାଇଥିଲେ । ସେଦିନୁ ନିଜର୍ ସ୍ୱାମୀର ଦୀର୍ଘାୟୁ କାମନା କରିକରି ମହିଲାମାନେ ଇ ବ୍ରତ ପାଲନ୍ କରିଆସୁଛନ୍ ।

ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଅଖଣ୍ଡ ସୌଭାଗ୍ୟ, ଅତୁଟ ବିଶ୍ୱାସ ଆଉ ନାରୀ ଇଚ୍ଛାଶକ୍ତିର ପ୍ରତୀକ ହେଉଛେ ସାବିତ୍ରୀ ପର୍ବ । ସବୁ ମା, ଭଉଣୀଙ୍କର୍ ମନସ୍କାମନା ପୁରା ହେଉ ବଲି ରାଜ୍ୟପାଲ୍ କାମନା କରିଛନ୍ ।

ସେନ୍ତା ବିଜେପିର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ୍ ସାବିତ୍ରୀ ଅମାବାସ୍ୟା ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ସାବିତ୍ରୀ ଅମାବାସ୍ୟାକେ ଓଡ଼ିଆ ସଂସ୍କୃତି ଆଉ ପରମ୍ପରାର ଅନନ୍ୟ ପର୍ବ ବଲି ସେ ସାମାଜିକ ଗଣମାଧ୍ୟମ୍‌ଥି କହିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ବ୍ରତଧାରୀ ମହିଳାମାନେ ଅଶ୍ୱତ୍ଥ ଗଛ୍‌କେ ବନ୍ଦେଇକରି ତୁଲ୍‌ସୀ ଚଉଁରା ନ ପୂଜା କରିଛନ୍ । ବୌଦ୍ଧ ନ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍ ମାନ୍‌କେ ବ୍ରତଧାରୀମାନେ ପୂଜା କରିଛନ୍ । ମନ୍ଦିର୍ ନ ନୂଆଁଶାଢ଼ୀ, ଶଙ୍ଖା ସିନ୍ଦୁର ଆଉ ଫଲ୍‌ମୂଲ୍ ପୂଜା କର୍‌ବାର୍ ସହେତେ ମାହାପୁରୁଙ୍କର୍ ପାଖେ ସ୍ୱାମୀଙ୍କର୍ ଦୀର୍ଘାୟୁ କାମନା କରିଥିଲେ । ସେଆଡ଼େ ପୁରୀ ଶ୍ରୀମନ୍ଦିର୍‌ର ସାବିତ୍ରୀ ବ୍ରତ ଲାଗି ଜବର୍ ଭିଡ୍ ହେଇଥିଲା । ବ୍ରତଧାରୀମାନେ ଶ୍ରୀମନ୍ଦିର୍ ଭିତ୍‌ରେ ସାବିତ୍ରୀ ମାଙ୍କୁ ପୂଜା କରିକରି ସ୍ୱାମୀଙ୍କର୍ ଦୀର୍ଘାୟୁ କାମନା କରିଥିଲେ ।

କୃତୀ ମେଟ୍ରିକ୍ ପରୀକ୍ଷାର୍ଥୀ-ସମ୍ବର୍ଦ୍ଧନା        ସମ୍ବଲପୁର୍ ସମ୍ବାଦଦାତା

ଚଲ୍‌ତି ବଛର୍ ମେଟ୍ରିକ୍ ପରୀକ୍ଷାଥି ଏ-ୱାନ୍ ଗ୍ରେଡ୍ ପାଇକରି ଉତୀର୍ଣ୍ଣ ହେଇଥିବା ଜିଲ୍ଲାର୍ ୧୪ ଝନ୍ ମେଧାବୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ନ ଆଏଜ୍ ଗୁଟେ ସମ୍ବର୍ଦ୍ଧନା ଉତ୍ସବ୍ ହେଇଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଯୋଗ୍ ଦେଇଥିଲେ ।

ଫଲରସ କମ୍ପାନୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଖାଦ୍ୟ ସୁରକ୍ଷା ଆଉ ମାନକ ପ୍ରାଧିକରଣ ଫଲ୍ ରସ ପେକେଟ୍ ଆର୍ ବିଜ୍ଞାପନ୍‌ନୁ ଫଲ୍‌ରସ ଶବ୍ଦ ପୁରା ହଟାବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ସବୁ ରାଜ୍ୟର୍ ଖାଦ୍ୟ କମିଶନର୍ ମାନ୍‌କୁ ପ୍ରାଧିକରଣ୍ ତର୍‌ଫୁ ଚିଠି ଲେଖାଯାଇଛେ । କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ଆଏବା ସେପ୍ଟେମ୍ବର୍ ମାସ ଆଗ୍‌ରୁ ଫଲ୍ ରସ୍ ଲେଖାଥିବା ପେକେଟ୍ ମାନ୍‌କର୍ ବେଭାର୍ ସାର୍‌ବାର୍‌କେ କହିଛେ । ଇନ ଜନେଇ ଦିଆଯାଇପାରେ ଯେ, କେତେ ଫଲ୍‌ରସ୍ ତିଆର୍ କରୁଥିବା କମ୍ପାନୀ ତାଙ୍କର୍ ଦରବ୍‌ଥି ଫଲ୍‌ରସ୍ ବଲି ଲେଖୁଛନ୍ । ପ୍ରାଧିକରଣ୍ ତର୍‌ଫୁ ଇ ଦରବ୍‌ର ପରୀକ୍ଷଣ୍ କରାଯିବାର୍ ଉତ୍‌ରୁ ଏନ୍ତା ଫଲ୍‌ରସ୍ ଲେଖବାର୍ ଲାଗି କେନ୍‌ସି ବ୍ୟବସ୍ଥା ନାଇଁନ ବଲି ସ୍ପଷ୍ଟ କରାଯାଇଛେ ।

ତାପମାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ବର୍‌ଗଡ୍, ଆର୍ ନୂଆପଡ଼ାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରା ହେବା ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ । ସେଆଡ଼େ ଆଏଜ୍ ବଲାଙ୍ଗିର୍ ନ ସବୁନୁ ଅଏତ୍‌କା ତାତି ୪୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ନୂଆପଡ଼ା ନ ୪୨ ଦଶ୍‌ମିକ୍ ୩ ,

ବୌଦ୍ଧ ନ ୪୧ ଦଶ୍ମିକ୍ ୮, ଝାର୍ସୁଗୁଡ଼ା ନ ୪୧ ଦଶ୍ମିକ୍ ୩, ସମ୍ବଲ୍ପୁର୍ ଆର୍ ବର୍ଗଡ଼୍ ନ ୪୦ ଦଶ୍ମିକ୍ ୮ ଡିଗ୍ରୀ ଲେଖା, ସୋନ୍ପୁର୍ ନ ୪୦ ଦଶ୍ମିକ୍ ୧, ସୁନ୍ଦର୍ଗଡ଼୍ ନ ୪୦ ଡିଗ୍ରୀ ସେଲ୍ସିଅସ୍ ତାତି ରେକର୍ଡ଼ କରାଯାଇଛେ ।

ମୌସୁମୀ- ଓଡ଼ିଶା ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୩ ନୁ ୪ ଦିନ୍ ଭିତ୍ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକେ ପୁହୁଁଚିବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ହେଲେ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ମୌସୁମୀ ବାୟୁ ପ୍ରବେଶ୍ ଲାଗି ପାଗ୍ ଅନୁକୁଲ୍ ରହିଥିବା ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ । ମୌସୁମୀ ବାୟୁ ପହେଲା ଦକ୍ଷିଣ ଓଡ଼ିଶା ନ ପ୍ରବେଶ୍ କର୍ବା । ଇତାର୍ଉତ୍ରୁ ରାଜ୍ୟର୍ ଅଲ୍ଗା ଇଲାକା ନ ପୁହୁଁଚିବା ବଲି କୁହାଯାଇଛେ ।